## ଓକିଲ ସଂଘ ନିର୍ବାଚନ ପାଇଁ ବିଜ୍ଞପ୍ତି

ନରସିଂହପୁର,(ଡି.ଏନ୍.ଏ.): ରାଜ୍ୟ ବାର କାଉନସିଲର ନିଷ୍ପତ୍ତି କ୍ରମେ ନରସିଂହପୁର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ପାଇଁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୧୨ ତାରିଖରେ ନିର୍ବାଚନ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ନିର୍ବାଚନର ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଶତପଥୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଚଳିତ ମାସର ୨୪ ଓ ୨୫ରେ ନାମାଙ୍କନପତ୍ର ଦାଖଲ ପରେ ଯାଞ୍ଚ କରାଯିବ। ୨୮ ତାରିଖ ଦିନ ନିର୍ବାଚନରୁ ଓହରିଯିବାକୁ ଚାହୁଁଥିବା ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶତପଥୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଗଣବଳାତ୍କାର ମାମଲା: ନାବାଳିକାଙ୍କ ମା'ଙ୍କ ବୟାନ ରେକର୍ଡ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ଇନଫୋସିଟି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ବୁଧବାର ଶିଶୁ ସୁରକ୍ଷା ଆୟୋଗ ପୀଡିତାଙ୍କ ମାଆଙ୍କ ବୟାନ ରେକର୍ଡ ହୋଇଛି। ଅନ୍ୟପକ୍ଷରେ ଓଟିଭି ଏମ୍‌ଡିଙ୍କ ପକ୍ଷରୁ ତାଙ୍କ ଓକିଲ ହାଜର ହୋଇ ପକ୍ଷ ରଖିଛନ୍ତି। ଆୟୋଗ ଉଭୟଙ୍କ ବୟାନ ଶୁଣିବା ପରେ ଡିସେମ୍ବର ୨କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଓଟିଭି ଏମ୍‌ଡି ଜଗୀ ମଙ୍ଗତ ପଣ୍ଡାଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନୋଟିସ୍ ଦେଇଛନ୍ତି ଶିଶୁ ସୁରକ୍ଷା ଆୟୋଗ। ଡିସିପି ଓ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଧିକାରୀ ସମୟ ନେଇଥିବା ଆୟୋଗ ଅଧକ୍ଷା କହିଛନ୍ତି।

## ବିଜିୟୁ ପକ୍ଷରୁ ଗୁଡ୍ ଗଭର୍ନାନ୍ସ ସମ୍ପର୍କିତ ୱେବିନାର

ଭୁବନେଶ୍ୱର,୧୮।୧୧: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ୍ କମର୍ସ, ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ(ଆଇସିଏସ୍‌ଆଇ) ନୂଆଦିଲ୍ଲୀର ମିଳିତ ଆନୁକୁଲ୍ୟରେ ଗୁଡ୍‌ଗଭର୍ନାନ୍ସ ଏବଂ ଟ୍ରାନ୍ସପରେନ୍ସି, ଦି କି ଟୁ ଇନଷ୍ଟିଚ୍ୟୁଶନାଲ ସଷ୍ଟେନେବିଲିଟି ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଆଇସିଏସ୍‌ଆଇ ନୂଆଦିଲ୍ଲୀର ଉପସଭାପତି ସିଏସ୍ ନଗେନ୍ଦ୍ର ଡି.ରାଓ , ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଉପସଭାପତି ସିଏସ୍ ଏସ୍.ସୁଧାକର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟକ୍ତିଗତ ସ୍ତରରେ ନୈତିକତାର ଅଭ୍ୟାସ ଉପରେ ରାଓ ଏଠାରେ ମତ ରଖିଥିଲେ। ସେହିଭଳି ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ଡ. ସାମସନ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନାର ଗୁରୁତ୍ୱ ଉପରେ କୁଳପତି ପ୍ରଫେସର ପି.ପି. ମାଥୁର ମତ ରଖିଥିଲେ। ରେଜିଷ୍ଟ୍ରାର ବି.କେ ଦାସ, ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଓ ଡ.ବିପି ବିଜୟ ଶଙ୍କର ଉପସ୍ଥିତ ଥିଲେ।

## ୨୭ରେ ଆନ୍ଦୋଳନରେ ବସିବ ଶିକ୍ଷକ ମିଳିତ ମଞ୍ଚ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ପୂର୍ଣ୍ଣ ଅନୁଦାନ ଓ ସପ୍ତମ ବେତନ ଆଧାରରେ ଦରମା ଦାବିରେ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ। ରାଜ୍ୟ ସରକାର ପ୍ରତିଶ୍ରୁତି ନ ରଖିବା ପ୍ରତିବାଦରେ ମଞ୍ଚ ପକ୍ଷରୁ ଆସନ୍ତା ୨୭ରେ ବିଧାନସଭା ଆଗରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ତିନି ପ୍ରମୁଖ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ସୂଚନା ଦେଇଛନ୍ତି।
ସେମାନେ କହିଛନ୍ତି, ରାଜ୍ୟ ସରକାର ୧୯୮୦ ଦଶକରୁ ଓଡ଼ିଶାରେ ଖୋଲିଥିବା ସ୍କୁଲ, କଲେଜ, ମଦ୍ରାସା ଓ ସଂସ୍କୃତ ଅନୁଷ୍ଠାନଗୁଡ଼ିକୁ ଅନୁଦାନ ଦେବା ପାଇଁ ଘୋଷଣା କଲେ। ମାତ୍ର ଅନୁଦାନ ଆଇନ୍ କାର୍ଯ୍ୟକାରୀ ହେବାପରେ କେବଳ ମୂଳ ଦରମା, ମହଙ୍ଗାଭତ୍ତା ଓ ବାର୍ଷିକ ଇନକ୍ରିମେଣ୍ଟ ବ୍ୟତୀତ ଅବସରକାଳୀନ କିମ୍ବା ଚାକିରି ସର୍ତ୍ତାବଳୀର ଅନ୍ୟ ବ୍ୟବସ୍ଥାଗୁଡ଼ିକ ଏଥିରେ ରହିଲା ନାହିଁ। ଏହାବାଦ୍ ମିଳିତମଞ୍ଚ ପକ୍ଷରୁ ସପ୍ତମ ବେତନ ଆଧାରରେ ଦରମା ଦେବା ପାଇଁ ରାଜ୍ୟ ସରକାରଙ୍କୁ ଦାବି କରାଯାଇଥିଲା। ସରକାର ଏନେଇ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ରକ୍ଷା କରିନାହାନ୍ତି। ତେଣୁ କୋଭିଡ଼ କଟକଣାକୁ ପାଳନ କରି ଷ୍ଟିୟରିଂ କମିଟିର ସଦସ୍ୟମାନେ ଆନ୍ଦୋଳନ କରିବେ।

# ମଧୁମେହ ନିୟନ୍ତ୍ରଣ କରୁନାହାନ୍ତି ରାଜଧାନୀବାସୀ

## ଚିନ୍ତା ବଢ଼ାଇଲା ଇଣ୍ଡିଆ ଡାଇବେଟିସ୍ କେୟାର ଇଣ୍ଡେକ୍ସ ରିପୋର୍ଟ

### କୋଭିଡ୍ ସମୟରେ ସତର୍କ ରହିବାକୁ ବିଶେଷଜ୍ଞଙ୍କ ପରାମର୍ଶ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଭୁବନେଶ୍ୱରରେ ମଧୁମେହର ହାରାହାରି ନିୟନ୍ତ୍ରଣ ସ୍ତର ଚିନ୍ତାଜନକ ରହିଛି। ଇଣ୍ଡିଆ ଡାଇବେଟିସ୍ କେୟାର ଇଣ୍ଡେକ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ ସେପ୍ଟେମ୍ବରରେ ଭୁବନେଶ୍ୱରରେ ହାରାହାରି ଏଚ୍‌ବିଏ୧ସି ସ୍ତର ୮.୩୧% ରହିଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ଏହି ସ୍ତରରେ ବୃଦ୍ଧି ଘଟିଛି। ଏଚ୍‌ବିଏ୧ସି ହେଉଛି ରକ୍ତ ସର୍କରା ବା ବ୍ଲଡ୍ ସୁଗାର ନିୟନ୍ତ୍ରଣର ସର୍ବୋତ୍ତମ ସୂଚକ ଏବଂ ୩ ମାସ ମଧ୍ୟରେ ଏହା ଏକ ହାରାହାରି ରକ୍ତ ସର୍କରା ନିୟନ୍ତ୍ରଣ ସୂଚକାଙ୍କ ପ୍ରଦାନ କରିଥାଏ। ଏହି ଉଚ୍ଚ ଏଚ୍‌ବିଏ୧ସି ସ୍ତର କୋଭିଡ୍-୧୯ ମହାମାରୀ ସମୟରେ ଗଭୀର ଚିନ୍ତାର ବିଷୟ ପାଲଟିଛି। କରୋନା ମହାମାରୀ ଅନିୟନ୍ତ୍ରିତ ମଧୁମେହ ଥିବା ଲୋକଙ୍କୁ ଅଧିକ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟାରେ ପକାଉଥିବାରୁ ରିପୋର୍ଟକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ବିଶ୍ୱ ମଧୁମେହ ଦିବସ ଅବସରରେ ନୋଭୋ ନୋର୍ଡ଼ିସ୍କ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ 'ଇମ୍ପାକ୍ଟ ଇଣ୍ଡିଆ: ୧୦୦୦-ଡେ ଚ୍ୟାଲେଞ୍ଜ' ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱରରେ ୫୬ ବର୍ଷ ବୟସର ୨୦୦ ଲୋକଙ୍କୁ ନେଇ ଏହି ବିଶ୍ଳେଷଣ କରାଯାଇଥିଲା। ଏଥିରେ ୩୪% ମହିଳା ଓ ୬୬% ପୁରୁଷ ସାମିଲ ଥିଲେ। ରିପୋର୍ଟ ସମ୍ପର୍କରେ କଟକ ଏସ୍‌ସିବି ମେଡିକାଲ କଲେଜର ମେଡିସିନ ବିଭାଗର ପ୍ରଫେସର ଓ ଏଚ୍‌ଓଡି ଡ. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ଭୁବନେଶ୍ୱରରେ ଏଚ୍‌ବିଏ୧ସିର ଏହି ଉଚ୍ଚତମ ସ୍ତର ଏକ ଗମ୍ଭୀର ଚିନ୍ତାର ବିଷୟ। ମଧୁମେହ ଥିବା ଲୋକଙ୍କ କ୍ଷେତ୍ରରେ କୋଭିଡ୍-୧୯ କାରଣରୁ ମୃତ୍ୟୁ ହେବା ସମ୍ଭାବନା ୫୦% ଅଧିକ ରହିଛି। ଶରୀରରେ ଗ୍ଲୁକୋଜର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ସ୍ୱଚ୍ଛ ଖାଦ୍ୟ ଖାଇବା ସହ ନିୟମିତ ଯୋଗ ବା ଶାରୀରିକ ବ୍ୟାୟାମ କରି ଏକ ସୁସ୍ଥ ଜୀବନଶୈଳୀକୁ ଆପଣାଇବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଜରୁରୀ। କରୋନା ମହାମାରୀ ସ୍ଥିତି ଯୋଗୁ ମଧୁମେହ ଥିବା ଲୋକମାନେ ଘରେ ସବୁବେଳେ ପର୍ଯ୍ୟାପ୍ତ ପରିମାଣରେ ଔଷଧ, ବ୍ଲଡ୍ ଗ୍ଲୁକୋଜକୁ ତଦାରଖ କରିବା ପାଇଁ ଉପକରଣ ମହଜୁଦ ରଖିବା ଉଚିତ। ଯଦି ନିଃଶ୍ୱାସ ନେବାରେ ସମସ୍ୟା, ଜ୍ୱର, ଶୁଖିଲା କାଶ, ଥକ୍କାପଣ, ବିନ୍ଧା ଓ ଯନ୍ତ୍ରଣା, ଗଳା ଦରଜ, ମୁଣ୍ଡବିନ୍ଧା, ଗନ୍ଧ ଓ ସ୍ୱାଦ ବାରି ନପାରିବା ଭଳି ଲକ୍ଷଣ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ସହାୟତା ନେବାକୁ ସେ ପରାମର୍ଶ ଦେଇଛନ୍ତି।

# ଧଉଳି ଥାନା ଏଏସ୍‌ଆଇ ଗିରଫ

### ଖାକି କଳଙ୍କ

- ପୂର୍ବରୁ ଜଣେ ଥାନାଧିକାରୀ, ଏସ୍‌ଆଇଙ୍କୁ ମଧ ଧରିଥିଲା ଭିଜିଲାନ୍ସ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ପୁଣି ଖାକି ପୋଷାକରେ ଲାଗିଛି କଳଙ୍କର ଛିଟା। ଲାଞ୍ଚନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି କମିଶନରେଟ ପୋଲିସର ଆଉଜଣେ ଅଧିକାରୀ। ସେ ହେଲେ ଧଉଳି ଥାନାର ଏଏସ୍‌ଆଇ ତୋଫାନ ଗୁରୁ। ଏକ ମାମଲାକୁ ରଫାଦଫା କରିଦେବା ପାଇଁ ତୋଫାନ ବୁଧବାର ଏହି ଥାନାଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ସାହୁଙ୍କଠାରୁ ୧୫ଶହ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଦିଆଯାଇଥିବା ଉକ୍ତ ଟଙ୍କା ମିଳିଥିଲା। ଏଥିସହ ତାଙ୍କ ପ୍ୟାଣ୍ଟ ପକେଟ ଓ ବ୍ୟାଗରେ ରାସାୟନିକ ପଦାର୍ଥର ନମୁନା ମିଳିଥିଲା। ଲାଞ୍ଚ ନେଉଥିବା ପ୍ରମାଣ ମିଳିବା ପରେ ତୋଫାନଙ୍କ ବିରୋଧରେ ଏକ ମାମଲା (ନଂ.୩୩/୨୦୨୦) ରୁଜୁ ହୋଇଛି। ସୂଚନାନୁସାରେ, ପ୍ରଶାନ୍ତଙ୍କ ଘର ଆଗରେ ଜଣେ ବ୍ୟକ୍ତି ବାଲି ଗଦା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏନେଇ ପ୍ରଶାନ୍ତ ଧଉଳି ଥାନାରେ ଅଭିଯୋଗ କରିଥିଲେ। ଏଏସ୍‌ଆଇ ତୋଫାନ ଏହି ମାମଲାର ସମାଧାନ କରାଇଦେବାକୁ ପ୍ରଶାନ୍ତଙ୍କୁ ଲାଞ୍ଚ ମାଗିଥିଲେ। ପ୍ରଶାନ୍ତ ଏ ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଚଢ଼ାଉ ପାଇଁ ଯୋଜନା ହୋଇଥିଲା।
୨୦୧୫ରେ ଏହି ଥାନାର ଆଇଆଇସି ଦେବୀ ପ୍ରସାଦ ଦାସ ଓ ୨୦୧୯ରେ ଏସ୍‌ଆଇ ପ୍ରଦୀପ ମହଲା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।



ସଚେତନତା ପାଇଁ ନାଟକ ପ୍ରଦର୍ଶନକୁ ଅନୁମତି ଦେବାକୁ ନିବେଦନ କରି ଓଡ଼ିଶା ପଥପ୍ରାନ୍ତ ନାଟକ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ସଙ୍ଗୀତ ନାଟକ ମହାବିଦ୍ୟାଳୟ ସମ୍ମୁଖରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦାବି ପୂରଣ ନ ହେଲେ ଧାରଣା

## ଭିଙ୍ଗାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ବାଲିଅନ୍ତା,୧୮।୧୧(ଡି.ଏନ୍.ଏ.)

ଜୟଦେବ ନିର୍ବାଚନମଣ୍ଡଳୀର ୯୪ବର୍ଷର ସର୍ବପୁରାତନ ଭିଙ୍ଗାରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ବୁଧବାର ସ୍ଥାନୀୟ ଗୋପୀନାଥ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକାନାଥ ଦାସ ଏହି ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରର ନାନା ଅଭାବ ଅସୁବିଧା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଅନ୍ତା ବ୍ଲକର ୬ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଦୁର୍ଘଟଣା ଓ ରାତ୍ରିକାଳୀନ ଭଳିଜରୁରିକାଳୀନ ସେବା ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାକୁ ନେଇ ବାରମ୍ବାର ଦାବି ଓ ପ୍ରତିବାଦ ସତ୍ତ୍ୱେ କୌଣସି ଅଧିକାରୀ ଶୁଣୁ ନାହାନ୍ତି। ୨୦୧୩ରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଚିଠି ନଂ.୩୭୨୨ରେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲରେ ପରିଣତ କରିବା ପାଇଁ ପ୍ରସ୍ତାବ ଆସିଥିଲା। ଉକ୍ତ ଚିଠିକୁ ଆଧାର କରି ୨୦୧୪ରେ ମୁଖ୍ୟ ଚିକିତ୍ସାଧିକାରୀ ତତ୍କାଳୀନ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପାଖକୁ ସ୍ୱାସ୍ଥ୍ୟକେନ୍ଦ୍ରର ଭୌଗୋଳିକ ସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ୨୦୧୫ଠାରୁ ଭିଙ୍ଗାରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲ କରିବା ପାଇଁ ଆବଶ୍ୟକ ତଥ୍ୟ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଖୋର୍ଦ୍ଧା ପାଖକୁ ପଠାଯାଇଥିଲେ ମଧ ଅଦ୍ୟାବଧି କୌଣସି ଉତ୍ତର ମିଳିପାରି ନାହିଁ। ଏବେ ପୁଣି ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଯଥାପୂର୍ବଂ ତଥାପରଂ ଅବସ୍ଥାରେ ରହିଅଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ୧୫ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଅଞ୍ଚଳବାସୀ ବାଧ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣାରେ ବସିବେ ବୋଲି ସମ୍ମିଳନୀରେ ଦାସ ଚେତାବନୀ ଦେଇଛନ୍ତି।

## ଘଉଡ଼ାଇବା ବେଳେ ଯୁବକଙ୍କୁ କଚାଡ଼ିଲା ହାତୀ

ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.)

ଚୌଦ୍ୱାରର ମଙ୍ଗରାଜପୁରଠାରେ ଗ୍ରାମବାସୀଙ୍କ ସହ ମିଶି ହାତୀ ଘଉଡାଇବା ସମୟରେ ଜଣେ ଯୁବକଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡି ଦେବାରୁ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗରାଜପୁର ପଞ୍ଚାୟତର ରାମଚନ୍ଦ୍ରପୁର ଶାସନ ଅଞ୍ଚଳରେ ଥିବା ଚାଷ ବିଲରେ ବୁଧବାର ସନ୍ଧ୍ୟାରେ ଏକ ହାତୀପଲ ପଶିବା ଗ୍ରାମବାସୀ ଦେଖିଥିଲେ। ଗ୍ରାମବାସୀ ଏକତ୍ର ହୋଇ ରାତି ପ୍ରାୟ ୮ଟା୩୦ମି ପର୍ଯ୍ୟନ୍ତ ହାତୀପଲଙ୍କୁ ଘଉଡାଇବାକୁ ଲାଗିଥିଲେ। ଏଥିରେ ଗ୍ରାମର ଲୋଚନ ବାନେରା ମଧ ସାମିଲ ହୋଇଥିଲେ। ହାତୀପଲଙ୍କ ମଧ୍ୟରୁ ଗୋଟିଏ ହାତୀ ଖସିଆସି ଲୋଚନଙ୍କୁ ଗୋଡାଇ ଶୁଣ୍ଢରେ ଧରି କଚାଡି ଦେଇଥିବା ଗ୍ରାମବାସୀ କହିଛନ୍ତି। ଏଥିରେ ଲୋଚନ ଗୁରୁତର ଆହତ ହୋଇଥିଲେ। ଖବରପାଇ ମଙ୍ଗରାଜପୁର ଫରେଷ୍ଟର ଓ କର୍ମଚାରୀ ପହଞ୍ଚି ଲୋଚନଙ୍କୁ ଚିକିତ୍ସା ନିମନ୍ତେ କଟକ ବଡଡାକ୍ତରଖାନା ପଠାଇ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏ ନେଇ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡା କୁହନ୍ତି, ହାତୀପଲ ବିଲରେ ପଶିଛନ୍ତି। ଗ୍ରାମାଭିମୁଖୀ ନ ହେବା ପାଇଁ ସମସ୍ତ ପ୍ରସ୍ତୁତିରେ ଆମେ ଅଛୁ। ଏଥିସହ ଗ୍ରାମବାସୀ ଅଯଥାରେ ବାହାରକୁ ନ ବାହାରିବା ପାଇଁ ସଚେତନ କରାଇଛୁ।

# ନିଶା ଦେଇ ମହିଳାଙ୍କୁ ଉଠାଇନେଲେ

## ରାସ୍ତା କଡ଼ରୁ ଉଦ୍ଧାର, ଜଣେ ହାବିଲଦାର ସମ୍ପୃକ୍ତ

ନିଶ୍ଚିନ୍ତକୋଇଲି,୧୮।୧୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ମଧୁବନ ନିକଟରୁ ମଙ୍ଗଳବାର ରାତିରେ ଜଣେ ମହିଳାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହିଳା ଜଣଙ୍କ ନିଶାସକ୍ତ ଥିଲେ ବୋଲି କାର୍ଯ୍ୟରତ ଡାକ୍ତର ପ୍ରକାଶ କରିଛନ୍ତି। ତେବେ ମହିଳା ଜଣକ ସୁସ୍ଥ ହେବା ପରେ ପୋଲିସକୁ ଦେଇଥିବା ବୟାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଟଚମଟ ସୃଷ୍ଟି ହୋଇଛି। ମହିଳାଙ୍କ ଘର ବାଦାମବାଡି ଥାନା ଅଞ୍ଚଳରେ। ସେ ଜଗତ୍‌ପୁରସ୍ଥିତ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ କମ୍ପାନୀରେ କାମ କରୁଥିବାବେଳେ କିଛି କର୍ମଚାରୀ ତାଙ୍କୁ ଏକ ଢାବାକୁ ନେଇ ନିଶା ଦେଇ ବିଭିନ୍ନ ସ୍ଥାନକୁ ନେବା ସହ ଆପତ୍ତିଜନକ ବ୍ୟବହାର କରିଥିଲେ। ଏଥିରେ ଜଣେ ହାବିଲଦାରଙ୍କ ସମ୍ପୃକ୍ତି ଥିବା ନେଇ ମହିଳା ଜଣକ ତାଙ୍କ ବୟାନରେ ଦର୍ଶାଇଛନ୍ତି। ଏନେଇ ସେ ନିଶ୍ଚିନ୍ତକୋଇଲି ଥାନାରେ ୪ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ନିଶ୍ଚନ୍ତକୋଇଲି ଥାନ ଅଧିକାରୀ ଛୁଟିରେ ଥିବାରୁ ନେମାଳ ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ମହିଳା ସବ୍‌ଇନ୍ସପେକ୍ଟର ମଧୁସ୍ମିତା ବେହେରା ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ସହ ସନ୍ଧ୍ୟାରେ ସମ୍ପୃକ୍ତା ମହିଳାଙ୍କୁ ନେଇ କଟକ ଅଭିମୁଖେ ଯାଇଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ପରିଜା ପାଠାଗାର ଅଧ୍ୟୟନ କକ୍ଷ ଉଦ୍‌ଘାଟିତ



ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ପାଠାଗାରରେ ନୂତନ ଅଧ୍ୟୟନ କକ୍ଷ ଲୋକାର୍ପିତ ହୋଇଯାଇଛି। ଏଥିସହ ପିଏଚ୍.ଡି ଅଧ୍ୟୟନ କକ୍ଷର ମଧ ନବୀକରଣ କରାଯାଇଛି। ପ୍ରାୟ ୫୬ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଏହି ଦୁଇ ପ୍ରକଳ୍ପକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ପାଠାଗାର କୋଠାର ଦ୍ୱିତୀୟ ମହଲାରେ 'ଅନ୍ୱେଷଣ' ନାମରେ ପିଏଚଡି ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ୧୬ଟି କୋଠରି ବିଶିଷ୍ଟ କକ୍ଷ କରାଯାଇଛି ଓ ପଞ୍ଚମ ମହଲାରେ ମନୋଜ ଦାସ ଅଧ୍ୟୟନ କକ୍ଷ ନିର୍ମାଣ କରାଯାଇଛି। ଏଥିରେ ମନୋଜ ଦାସଙ୍କ ଜୀବନ ଓ ଦର୍ଶନ ସମ୍ବନ୍ଧରେ ବିଭିନ୍ନ ପୁସ୍ତକ ଉପଲବ୍ଧ ହେବ। ଶବ୍ଦ ପ୍ରଦୂଷଣକୁ କମ୍ କରିବା ପାଇଁ ପାଠାଗାର ସମ୍ମୁଖରେ ଥିବା ରାସ୍ତାକୁ 'ଯାନବାହନ ନିଷେଧ ଜୋନ୍' କରାଯାଇଛି। ପାଠାଗାରକୁ ଲାଗି ମହାତ୍ମା ଗାନ୍ଧୀ ମେମୋରିଆଲ ପାର୍କ ଓ ପାଠାଗାରରେ ଇ-ଲାଇବ୍ରେରି ମଧ ରହିଛି। ଏହି ଅବସରରେ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଛନ୍ତି, ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ନିଜର ପାଠାଗାର ଅଛି। କିନ୍ତୁ ସେମାନେ ସ୍ୱତନ୍ତ୍ର ଭାବେ କାମ କରୁଥିବାବେଳେ ସେଥିରେ ଉପଲବ୍ଧ ପୁସ୍ତକର ସଂଖ୍ୟା ମଧ ସୀମିତ। ତେଣୁ ଆମେ ପରିଜା ପାଠାଗାରର ରୂପାନ୍ତରୀଣ କରି ଏହାକୁ ବୌଦ୍ଧିକ ଅଭିବୃଦ୍ଧିର ମଇଦାନ ରୂପେ ପରିକଳ୍ପନା କରିଛୁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କୁଳସଚିବ ଡ. ଅଭୟ କୁମାର ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ ମଲ୍ଲିକ, ସିଡିସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ, ରୁଷା ସଂଯୋଜକ ପ୍ରଫେସର ପି. କେ. ହୋତା, ନୂତନ କ୍ୟାମ୍ପସ ଓଏସ୍‌ଡି ଯଜ୍ଞେଶ୍ୱର ଦଣ୍ଡପାଟ, ପାଠାଗାର ଇନଚାର୍ଜ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ମୁଖ୍ୟ ଲାଇବ୍ରେରିଆନ ରବୀନ୍ଦ୍ର ଗରଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ଲୁଚିଥିବା ୫ ଅଭିଯୁକ୍ତଙ୍କୁ ଉଠାଇନେଲା ସମ୍ବଲପୁର ପୋଲିସ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ସମ୍ବଲପୁରରେ ଅପରାଧ ଘଟାଇ ରାଜଧାନୀରେ ଲୁଚିଥିଲେ ଅଭିଯୁକ୍ତ। ଖବର ପାଇବା ପରେ ସମ୍ବଲପୁର ପୋଲିସ ବୁଧବାର ସନ୍ଧ୍ୟାରେ ରାଜଧାନୀରେ ଚଢ଼ାଉ କରି ୫ଜଣଙ୍କୁ ଉଠାଇ ନେଇଛି। ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସ୍ପଷ୍ଟ କରିଛନ୍ତି। ତେବେ ମାମଲାଟି ତଦନ୍ତ ପରିସରଭୁକ୍ତ ଥିବାରୁ କେଉଁ ଘଟଣାରୁ ସେମାନଙ୍କୁ କେଉଁ ସ୍ଥାନରୁ ଉଠାଇ ନିଆଯାଇଛି ସେ ବିଷୟରେ କିଛି କହିନାହାନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସମ୍ବଲପୁର ପୋଲିସ ବଡ଼ଗଡ଼ ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଧରିଥିବାବେଳେ କୁଚିଣ୍ଡାରେ ଘଟିଥିବା ଏକ ଏଟିଏମ ଲୁଟ୍ ମାମଲାରେ ସେମାନଙ୍କର ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ବଲପୁର ପୋଲିସର ଏକ ଟିମ୍ କେନ୍ଦ୍ରାପଡାରେ ମଧ ଡେରା ପକାଇଥିଲା ବୋଲି ଜଣାପଡିଛି।

## ପୂର୍ବତନ ଡିଜିପି ଏସ୍.କେ. ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ପୂର୍ବତନ ପୋଲିସ ଡିଜି ଏସ୍.କେ. ଚାଟାର୍ଜୀଙ୍କ ବିୟୋଗରେ ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆଇପିଏସ୍ ଅଫିସର୍ସ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡିଜିପି ଅଭୟଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ସଭାରେ ସଂଘର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇ ଚାଟାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ଚାଷ ଜମିରେ ନାଳ, ରାସ୍ତା ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର,୧୮।୧୧(ଡି.ଏନ୍.ଏ.)

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କେତେଜଣ କର୍ମଚାରୀଙ୍କ ଅବହେଳା ଯୋଗୁ କେତେକ ସ୍ଥାନରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା କପିଳେଶ୍ୱର ଗ୍ରାମର ଚାଷୀ ଲକ୍ଷ୍ମୀଧର ରାଉତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଲକ୍ଷ୍ମୀଧରଙ୍କୁ ଅବଗତ କରା ନ ଯାଇ ତାଙ୍କ ଜମିରେ ରାସ୍ତା ଓ ନାଳ ନିର୍ମାଣ କରାଯାଉଛି। ଫଳରେ ପାଖ ଚାଷ ଜମି ଜଳମଗ୍ନ ସହ ବ୍ୟାପକ କ୍ଷତି ହେଉଥିବା ନେଇ ବିଏମ୍‌ସି କମିଶନର ଓ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ନିର୍ମାଣକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। କମିଶନରଙ୍କ ନର୍ଦ୍ଦେଶାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସି କନିଷ୍ଠ ଯନ୍ତ୍ରୀ ମିଥିଲେସ ରଞ୍ଜନ ରଥ କହିଛନ୍ତି।

# ୬ଦିନ ଧାରଣା ପରେ ରାସ୍ତାରୋକୋ

## ଯୋଡୁମୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

ନରସିଂହପୁର,୧୮।୧୧
(ସ୍ୱ.ପ୍ର./ଡି.ଏନ୍.ଏ.)



ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଳିଣ୍ଡାସ୍ଥିତ ଯୋଡୁମୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦେବା ଦାବିରେ ୬ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଦିଆଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ୭ ଦିନରେ ଧାରଣାକାରୀ କମଳାଡିହ - ନରସିଂହପୁର ମୁଖ୍ୟ ରାସ୍ତାକୁ ଜିଳିଣ୍ଡାଠାରେ ଅବରୋଧ କରିଥିଲେ। ରେଗେଡା ସରପଞ୍ଚ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଏକାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ନରସିଂହପୁର ଥାନା ଅଧିକାରୀ ବିମଳ କୁମାର ବାରିକ, ବିଡିଓ ପ୍ରଦୀପ କୁମାର ସାହୁ, କାନପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦେବାଶିଷ ଜେଠୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ଥାୟୀ ଡାକ୍ତର ନିଯୁକ୍ତି ପର୍ଯ୍ୟନ୍ତ କାନପୁର ମୁଖ୍ୟ ଚିକିତ୍ସା ଅଧିକାରୀ ଜେଠୀ ନିଜେ ଯୋଡୁମୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା, ଜିଲା ପରିଷଦ ସଭ୍ୟା ଜାହ୍ନବୀ ପ୍ରଧାନ, ବିଜୟ କୁମାର ସୁବୁଦ୍ଧି, ମୋହନ ପଧାନ, ରାଜୀବ ଲୋଚନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା: ଦ୍ୱିତୀୟ ଲହର ମୁକାବିଲା ଚିନ୍ତା

## ଏବେଠୁ ଅଣ୍ଟା ଭିଡିଲାଣି ବିଏମ୍‌ସି

- ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କଲେ ପର୍ଯ୍ୟବେକ୍ଷକ
- କମିଶନରଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ପ୍ରସ୍ତୁତି
- ପୁଣି ସେରୋ ସର୍ଭେ, କଡ଼ା ହେବ କଟକଣା

ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)

ଡିସେମ୍ବରରେ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବାର ଆଶଙ୍କା କରାଯାଉଛି। ତେଣୁ ବସ୍ତି ଓ ଜନଗହଳିପୂର୍ଣ୍ଣ ରାଜଧାନୀରେ ଭୁବନେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ କିପରି ସଫଳଭାବେ ମୁକାବିଲା କରାଯିବ ତାହାକୁ ନେଇ ଚିନ୍ତା ବଢ଼ିଛି। ବୁଧବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଭୁବନେଶ୍ୱର କୋଭିଡ୍ ପର୍ଯ୍ୟବେକ୍ଷକ ଅନୁ ଗର୍ଗ ବରିଷ୍ଠ ଅଧିକାରୀଙ୍କୁ ଡାକି ବୈଠକ କରିଛନ୍ତି। ଭୁବନେଶ୍ୱରରେ ପୁଣି କଟକଣା ଲାଗୁ କରାଯିବା ସହ ସେରୋ ସର୍ଭେ ଆରମ୍ଭ କରାଯାଇପାରେ। ସଂକ୍ରମଣ ସ୍ଥିତିକୁ ଲକ୍ଷ୍ୟ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏବେ ରାଜ୍ୟ ବାହାରେ ଅଛନ୍ତି। ସେ ଗସ୍ତ ସାରି ଫେରିବା ପରେ ଏନେଇ ଆଉଥରେ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କ'ଣ ପ୍ରସ୍ତୁତି ରହିଛି ସେନେଇ ପର୍ଯ୍ୟବେକ୍ଷକ ଗର୍ଗ ବିଏମ୍‌ସି ମୁଖ୍ୟାଳୟରେ ଏହାର ସମୀକ୍ଷା କରିଥିଲେ। ଶୀତ ଦିନରେ କରୋନାର ପ୍ରଭାବ ଅଧିକ ରହିଲେ କିଭଳି ଭାବେ ସ୍ଥିତିର ମୁକାବିଲା କରାଯିବ ସେନେଇ ଆଲୋଚନା କରାଯାଇଥିଲା। ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କ ସମେତ କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ପକ୍ଷରୁ ଏନେଇ କିଛି ନିଷ୍ପତ୍ତି ନିଆଯାଇ ନ ଥିବାବେଳେ ଆଗକୁ ପୁଣିଥରେ ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିବା ଆଡିଶନାଲ କମିଶନର ମଲ୍ଲିକ କହିଛନ୍ତି। ସେହିପରି ବିଏମ୍‌ସି ଏବେ ଖାଲି କୋଭିଡ୍ ପରିଚାଳନା ନୁହେଁ, ବରଂ ଆଗକୁ ଆସୁଥିବା ସ୍ୱଚ୍ଛତା ସର୍ଭେ ସହ ଅନ୍ୟ ସାମୂହିକ ପ୍ରତିଯୋଗିତା ପାଇଁ ମଧ ପ୍ରସ୍ତୁତି ଚଳାଇଥିବା ଏହି ଅବସରରେ ପ୍ରକାଶ ପାଇଥିଲା। ତେବେ ଆଗକୁ ଯଦି ଭୁବନେଶ୍ୱରବାସୀ ସତର୍କ ନ ରୁହନ୍ତି ତା'ହେଲେ କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ବଢ଼ିବ ଓ ଭୁବନେଶ୍ୱରରେ କଟକଣା ଜାରି ହେବ ବୋଲି ସତର୍କ କରାଯାଇଥିଲା।

## ୫୩ ସ୍ମାର୍ଟଫୋନ ଜବତ, ମାଷ୍ଟର ମାଇଣ୍ଡ ଗିରଫ

ଭୁବନେଶ୍ୱର,(ବ୍ୟୁରୋ):ରାଜଧାନୀରେ ଚୋରି ମୋବାଇଲ ଲୁଟ ଓ ବିକ୍ରିରେ ସମ୍ପୃକ୍ତ ମାଷ୍ଟର ମାଇଣ୍ଡ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର ମହମ୍ମଦ ଅକତର ହୁସେନ୍‌ଙ୍କୁ କମିଶନରେଟ ପୋଲିସର (କ୍ୟୁଏଟି)ଗିରଫ କରିଛି। ମଙ୍ଗଳବାର ବରମୁଣ୍ଡାଠାରେ କୋଲକାତା ବସକୁ ଅପେକ୍ଷା କରିଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ୫୩ ସ୍ମାର୍ଟ ଫୋନ ଜବତ କରିଛି। ମହମ୍ମଦ ରାଜଧାନୀରୁ ଚୋରି ମୋବାଇଲ ଫୋନକୁ କୋଲକାତା ଓ ବିହାର ଅଞ୍ଚଳରେ ବିକ୍ରି କରିଥାନ୍ତି। ସେ ଖାରବେଳନଗର ଥାନା ଅଞ୍ଚଳରେ ଥିବା ମସଜିଦ୍ କଲୋନୀରେ ରହୁଥିବା କେତେଜଣ ଲୁଟେରାଙ୍କଠାରୁ ନିୟମିତ ଭାବେ ଚୋରି ମୋବାଇଲ ନେଇ ବାହାର ରାଜ୍ୟରେ ବିକ୍ରି କରିଥାନ୍ତି।

# ବଦଳିବ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଚିତ୍ର

**ପୁରୀ ଅଫିସ,୧୮।୧୧**

- ଐତିହ୍ୟ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବ
- ଭକ୍ତଙ୍କ ସୁବିଧା ପାଇଁ ହେବ ବ୍ୟବସ୍ଥା
- ପୁଷ୍କରିଣୀକୁ ସଂଯୋଗ ରାସ୍ତାରୁ ଜବରଦଖଲ ହଟିବ

ବଦଳିବ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱ ଚିତ୍ର। ଅବହେଳିତ ଅବସ୍ଥାରେ ଥିବା ଏହି ତୀର୍ଥ ପୁଷ୍କରିଣୀର ଉନ୍ନତୀକରଣ କରାଯିବ। ଐତିହ୍ୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଏହାକୁ ବିକଶିତ କରାଯିବ। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ହେବ। ପୁଷ୍କରିଣୀକୁ ସଂଯୋଗ କରୁଥିବା ରାସ୍ତାରୁ ଜବରଦଖଲ ହଟାଯିବ। ବୁଧବାର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲାପାଳ ବଲୱନ୍ତ ସିଂ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ଯାଇ ସ୍ଥିତି ପରଖିବା ପରେ ଏଭଳି ଅନେକ ନିଷ୍ପତ୍ତି ନେଇଛନ୍ତି। ଉନ୍ନତୀକରଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପୁରୁଷୋତ୍ତମ କ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅନ୍ୟତମ। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପାଚେରି ଭୁଶୁଡ଼ି ପଡ଼ିଥିବାବେଳେ ପୁଷ୍କରିଣୀରେ ନଳାପାଣି ମିଶୁଛି। ଏ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ। ଏବେ ଏହା ଉପରେ ପ୍ରଶାସନର ନଜର ପଡ଼ିଛି। ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ


ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନିକଟରେ ଜିଲାପାଳ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ଉନ୍ନତୀକରଣ ନିମନ୍ତେ ସାହିବାସିନ୍ଦାଙ୍କ ସହିତ ଆଲୋଚନା କରିଛନ୍ତି। ସାହି ନେତୃବୃନ୍ଦଙ୍କ ମତାମତ ଭିତ୍ତିରେ ଅନେକ ନିଷ୍ପତ୍ତି ନିଆଯାଇଛି। ଶ୍ରାଦ୍ଧ ଓ ପିଣ୍ଡଦାନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁଠ, ପାହାଚ, ଭାଙ୍ଗିଯାଇଥିବା ପାଚେରି ମରାମତି, ଶୌଚାଳୟ, ପୋଷାକ ପରିବର୍ତ୍ତନ ଗୃହ ଏବଂ ପୋଖରୀ ସଫା କାର୍ଯ୍ୟ ୧୫ଦିନ ମଧ୍ୟରେ ଶେଷ କରାଯିବ। ପାଚେରି କାନ୍ଥରେ ପେଣ୍ଟିଂ କରାଯିବ। ପେଣ୍ଟିଂଗୁଡ଼ିକରେ ଇନ୍ଦ୍ରଦ୍ୟୁମ୍ନର ଐତିହ୍ୟ ସ୍ଥାନ ପାଇବ। ପ୍ରବେଶ ପଥରେ ହାଇମାଷ୍ଟ ଲାଇଟ ଏବଂ ଅନ୍ୟ ତିନି କୋଣରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ହେବ। ପୂର୍ବ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ସହ ଏହା କଡ଼ରେ ଥିବା ସ୍ୱେରେଜ ଲାଇନର ପୁନରୁଦ୍ଧାର କରାଯିବ। ପୁଷ୍କରିଣୀକୁ ପରିଷ୍କାର ରଖିବା ଓ ଦେଖାରଖା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨ଜଣ ଲୋକଙ୍କୁ ନିଯୁକ୍ତି ଦିଆଯିବ। ଡାକବାଜି ଯନ୍ତ୍ରରେ ଭଜନ ପରିବେଷଣ କରାଯିବ। ବିଭିନ୍ନ ସତର୍କତାମୂଳକ ସୂଚନା ଶ୍ରଦ୍ଧାଳୁଙ୍କୁ ଦିଆଯିବ। ଏ ନେଇ ଆସନ୍ତା ୨୦ ତାରିଖରେ ଇନ୍ଦ୍ରଦ୍ୟୁମ୍ନ ନିକଟରେ ବୈଠକ ବସିବ। ଏହାପରେ ବିଭାଗୀୟ ଅଧିକାରୀ ମାଟିଆପଡ଼ା ଓ ଟିକରପଡା ଅଞ୍ଚଳ ବୁଲି ସଫେଇ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ସଫେଇ ଅଭିଯାନ ପାଇଁ ଗଠିତ ଟିମ୍‌ର ସଦସ୍ୟ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ବୁଧବାର ପ୍ରାତଃ ସମୟରେ ଜିଲାପାଳ ସିଂ ଗଦାଧର ହାଇସ୍କୁଲ ଓ ମୋଚିସାହିସ୍ଥିତ ଗାଡ଼ିଖାନା ପରିସରରେ ସ୍ୱଚ୍ଛ ସୈନିକମାନଙ୍କ ପ୍ରାର୍ଥନା ସଭାରେ ଯୋଗଦେବା ସହ ସେମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଅଳିଆକୁ ପୁରୀର ପବିତ୍ର ମାଟିରେ ସ୍ପର୍ଶ କରାଇ ନ ଦେବାକୁ ପରାମର୍ଶ ଦେଇଥିଲେ। ସୂଚନାଥାଉ କି, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ, ପିତୃ ଓ ଦେବତାଙ୍କ ତର୍ପଣ ବିଧାନରେ ସମ୍ପାଦିତ କଲେ ମନୁଷ୍ୟ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ଲାଭ କରେ ବୋଲି ବିଶ୍ୱାସ ରହିଛି।

## ସଂକ୍ଷେପରେ

### ପୋଲିସ ମାଡ଼ରେ ଅଭିଯୁକ୍ତଙ୍କ ମୃତ୍ୟୁ ଚର୍ଚ୍ଚା

**ପୁରୀ ଅଫିସ,୧୮।୧୧:** ପୁରୀର ଏକ ଥାନା ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ପୋଲିସ ମାଡ଼ରେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ଶୁଣିବାକୁ ମିଳୁଥିବାବେଳେ ପୋଲିସ କିନ୍ତୁ ଏଭଳି କୌଣସି ଘଟଣା ଘଟି ନ ଥିବା କହୁଛି। ମିଳିଥିବା ସୂଚନା ଅନୁସାରେ ଏକ ଅପରାଧିକ ମାମଲାରେ ପୁରୀ ସହରର ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ହାଜତରେ ତାଙ୍କୁ ରଖି ପୋଲିସ ପଚରାଉଚରା କରିଥିଲା। ଏହି ସମୟରେ ପୋଲିସ ତାଙ୍କୁ ମାଡ଼ ମାରିବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହାପରେ ତାଙ୍କୁ ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରେ ତାଙ୍କ ନଜରକୁ ଏଭଳି କିଛି ଘଟଣା ଆସି ନ ଥିବା କହିଛନ୍ତି।

### ନିର୍ବାଚନ ସପକ୍ଷରେ ନାହିଁ ପୁରୀ ଓକିଲ ସଂଘ

**ପୁରୀ ଅଫିସ,୧୮।୧୧:** ପୁରୀ ଓକିଲ ସଂଘ କାର୍ଯ୍ୟାଳୟରେ ବୁଧବାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଆଗାମୀ ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଅଧିକାଂଶ ସଭ୍ୟ କରୋନା ମହାମାରୀ ସମୟରେ ଅଧିକ ଖର୍ଚ୍ଚାନ୍ତ ଓ ଭୋଟ ପାଇଁ ଏକତ୍ରୀକରଣ ହେବାକୁ ନାପସନ୍ଦ କରିଥିଲେ। ସର୍ବସମ୍ମତିକ୍ରମେ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ ନିର୍ବାଚନ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ଦାୟିତ୍ୱରେ ଥିବା ସଭାପତି, ସାଧାରଣ ସମ୍ପାଦକ ସଂଘର ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ ବୋଲି ସ୍ଥିର ହୋଇଛି। ଓଡ଼ିଶା ରାଜ୍ୟ ଓକିଲ ପରିଷଦକୁ ଏହି ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦିଆଯାଇଛି। ସଂଘର ନିର୍ବାଚନ ଅଧିକାରୀ ଶୁଭେନ୍ଦୁ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କରୋନା ସମୟରେ ମୃତ୍ୟୁ ଘଟିଥିବା ଆଇନଜୀବୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

### ଆତ୍ମା କମିଟି ସଭାପତି ରାମଚନ୍ଦ୍ର ମହାନ୍ତି

**ସାକ୍ଷୀଗୋପାଳ,୧୮।୧୧(ଡି.ଏନ.ଏ)-** ପୁରୀ ଜିଲା ସତ୍ୟବାଦୀ ବ୍ଲକ ଆତ୍ମା କମିଟି ସଭାପତି ଭାବେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି କର୍ମୀ ରାମଚନ୍ଦ୍ର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧକ୍ଷତାରେ ବୁଧବାର ଆତ୍ମା ସଭାଗୃହରେ ଅନୁଷ୍ଠିତ ବୈଠକରେ ସଭାପତି ମନୋନୟନ କରାଯାଇଥିଲା। କମିଟିର ସଦସ୍ୟ ନାରାୟଣ ରାଉତରାୟଙ୍କ ପ୍ରସ୍ତାବକ୍ରମେ ଉପସ୍ଥିତ ସଦସ୍ୟମାନେ ସହମତି ଜଣାଇଥିଲେ। ସତ୍ୟବାଦୀ ଅଞ୍ଚଳର କୃଷି ସମସ୍ୟା ଜଳନିଷ୍କାସନ, ଜଳସେଚନ, ଉତ୍ପାଦନ ବୃଦ୍ଧି ଓ ବଜାର ସୁବିଧା କ୍ଷେତ୍ରରେ ଅର୍ଥନୈତିକ ବିକାଶ ନିମନ୍ତେ ଆଗାମୀ ପାଞ୍ଚ ବର୍ଷକୁ ଲକ୍ଷ୍ୟକରି ଏକ ଖସଡା ପ୍ରସ୍ତୁତ କରିବାକୁ ବିଧାୟକ ନୂତନ ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ବିଡିଓ କ୍ଷୀରୋଦ ଚନ୍ଦ୍ର ବେହେରା, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ବ୍ଲକ କୃଷି ଅଧିକାରୀ କଲ୍ୟାଣ ରାୟ, ପ୍ରାଣୀ ଚିକିତ୍ସକ ଡା. ଜ୍ଞାନରଞ୍ଜନ ମିଶ୍ର, ସହକାରୀ ଉଦ୍ୟାନ ଅଧିକାରୀ ଦେବଦାସ ଦତ୍ତ, ବିଟିଏମ ସୋଲେଶ ଦାସ, ସହକାରୀ କୃଷି ଅଧିକାରୀ ଶାନ୍ତା ସୁଚରିତା ଦାଶ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଦେବାଶିଷ ରାୟ ପ୍ରମୁଖ ଯୋଗଦେଇଥିଲେ। କମିଟିର ୨୭ଜଣ ସଦସ୍ୟଙ୍କ ମଧ୍ୟରୁ ପଦ୍ମ ଚରଣ ସେଠୀ ଓ ପ୍ରଭାସିନୀ ମିଶ୍ର ଜିଲା ଆତ୍ମା କମିଟି ସଦସ୍ୟ ମନୋନୀତ ହୋଇଛନ୍ତି ।

### ଆଦିତ୍ୟ ଦାସ, କୁନି ପରୀଙ୍କୁ ନ୍ୟାୟ ଦାବିରେ ପଦଯାତ୍ରା

**ସାକ୍ଷୀଗୋପାଳ,୧୮।୧୧(ଡି.ଏନ୍.ଏ.):** ସାମାଜିକ କର୍ମୀ ଆଦିତ୍ୟ ଦାସ ଓ ନୟାଗଡ଼ର କୁନି ପରୀଙ୍କ ମୃତ୍ୟୁ ରହସ୍ୟ ଘେରରେ ଛନ୍ଦି ହୋଇଯାଇଛି। ଏହି ଘଟଣାର ପର୍ଦ୍ଦାଫାସ ଏବଂ ସେମାନଙ୍କ ପରିବାରଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଣାସ ଅଞ୍ଚଳ ସାହୁପଡ଼ାର ଅଜୟ ଜେନା ବୁଧବାର ସାକ୍ଷୀଗୋପାଳ ମନ୍ଦିର ନିକଟରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏଥିପାଇଁ ସେ ପ୍ରଭୁ ସାକ୍ଷୀଗୋପାଳଙ୍କ ନିକଟରେ ଶପଥ କରି ପଦଯାତ୍ରା ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ଓ ଓଡ଼ିଶା ରାଜ୍ୟପାଳଙ୍କୁ ଅନୁରୋଧ କରିବା ସହ ଦାବୀ ହାସଲ ପର୍ଯ୍ୟନ୍ତ ସେ ସଂଗ୍ରାମ କରିବେ ବୋଲି କହିଛନ୍ତି।

# ମଧ୍ୟସ୍ଥଙ୍କ ଜରିଆରେ ବୁଝାମଣା ଆରମ୍ଭ

## ବର୍ଷା-ଅନୁଭବ ବୈବାହିକ ବିବାଦ

**ଭୁବନେଶ୍ୱର, ୧୮।୧୧**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ଅଭିନେତ୍ରୀ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ବୈବାହିକ ବିବାଦର ସମାଧାନ ସ୍ୱରୂପ ବୁଧବାର ସୁପ୍ରିମକୋର୍ଟଙ୍କ ମେଡିଏଶନ(ମଧ୍ୟସ୍ଥ) ସେଣ୍ଟର ଜରିଆରେ ବୁଝାମଣା ଆରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସରେ ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥ ତଥା ଆଇନଜୀବୀ ପୂଜା ଆନନ୍ଦଙ୍କ ଜରିଆରେ ଏହି ବୁଝାମଣା ଆରମ୍ଭ ହୋଇଛି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖ ଅପରାହ୍ନ ୧ଟାରେ କରାଯିବାକୁ ସ୍ଥିର ହୋଇଛି। ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେଙ୍କ ସୂଚନା ଅନୁସାରେ ଅନୁଭବ ଏବଂ ବର୍ଷାଙ୍କ ବିବାଦର ସମାଧାନ ମଧ୍ୟସ୍ଥଙ୍କ ଜରିଆରେ ଆରମ୍ଭ ହୋଇଛି। ମଧ୍ୟସ୍ଥ ଏବଂ ଉଭୟ ପକ୍ଷର ଓକିଲମାନେ ଖୁବ୍ ଶୀଘ୍ର ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିବେ। ଉଭୟ ପକ୍ଷଙ୍କ ବୟସକୁ ନଜରରେ ରଖି ଖୁବ୍‌ଶୀଘ୍ର ସେମାନଙ୍କ ମଧ୍ୟରେ ବିଚ୍ଛେଦ ହୋଇଯିବା ଭଲ ବୋଲି ଦୁବେ କହିଛନ୍ତି। ପ୍ରକାଶ ଯେ, ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବାକୁ ଅନୁଭବ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଗତ ଜୁଲାଇ ୭ତାରିଖରେ ଏକ ମାମଲା ରୁଜୁ କରିଥିଲେ। ତେବେ କଟକରେ ରହୁଥିବା ବର୍ଷା ଦିଲ୍ଲୀ ଯାଇ ମାମଲା ଲଢ଼ିବା ସମ୍ଭବ ନୁହେଁ ଦର୍ଶାଇ ଉକ୍ତ ମାମଲାକୁ କଟକ ଫାମିଲି କୋର୍ଟକୁ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଗତ ଅକ୍ଟୋବର ୧୬ତାରିଖରେ ସୁପ୍ରିମକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ଉଭୟ ପକ୍ଷ ଆପୋସ ବୁଝାମଣାରେ ବିବାଦର ସମାଧାନ କରିବା ଉଚିତ ହେବ ବୋଲି କହିଥିଲେ। ଏପରି କି ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥତା କେନ୍ଦ୍ର ଜରିଆରେ ଏହାର ସମାଧାନ କରିବାକୁ ଆଦେଶ ଦେଇଥିଲେ। ଆସନ୍ତା ୮ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ସୁପ୍ରିମ୍‌କୋର୍ଟରେ ରହିଛି।

# ଲେଖାଶ୍ରୀଙ୍କ ବିରୋଧରେ ଏତଲା


ପୁରୀ ନଗର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ପୁରୀ ଅଫିସ/ଡେଲାଙ୍ଗ/ପିପିଲି ୧୮।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ପୁରୀ ପ୍ରତି ଦେଇଥିବା ମନ୍ତବ୍ୟ ଯୋଗୁ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଅଡୁଆ ବଢିବାରେ ଲାଗିଛି। ବିଶେଷକରି ପୁରୀରେ ବିରୋଧ ଓ ପ୍ରତିବାଦ ତେଜିବାରେ ଲାଗିଛି। ମଙ୍ଗଳବାର ଏକାଧିକ ଏତଲା ଦିଆଯାଇଥିବା ବେଳେ ବୁଧବାର ପୁରୀ ନଗର ବିଜେଡି ପକ୍ଷରୁ ଟାଉନ ଥାନା ସମ୍ମୁଖରେ ଲେଖାଶ୍ରୀ ଏବଂ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ଏତଲା ଦିଆଯାଇଛି। ନଗର ବିଜେଡି ପକ୍ଷରୁ ମେଡିକାଲ ଛକରୁ ଏକ ପଦଯାତ୍ରା ବାହାରି ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଲେଖାଶ୍ରୀ ଏବଂ ସମ୍ବିତ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ଲେଖାଶ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦିଆଯାଇଥିଲା। ସେହିପରି ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ୱର୍ଗଦ୍ୱାର ସମ୍ମୁଖରେ ଲେଖାଶ୍ରୀଙ୍କ ଫଟୋ ଥିବା ଫ୍ଲେକ୍ସ ପୋଡ଼ାଯାଇଛି। ଲେଖାଶ୍ରୀ ଆସି ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ମଞ୍ଚ ଦାବି କରିଛି। ସେ ଯଦି ଏପରି ନ କରନ୍ତି ତେବେ ତାଙ୍କୁ ପୁରୀରେ କଡ଼ା ବିରୋଧ କରାଯିବ ବୋଲି ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି। ମଞ୍ଚ ଉପସଭାପତି ଲଲାଟେନ୍ଦୁ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାକେଶ ପ୍ରଧାନ, ଦିଲୀପ ପ୍ରଧାନ, ନିରଞ୍ଜନ କର, ଜୟକୃଷ୍ଣ ଦାସ, ପ୍ରଦ୍ୟୁମ୍ନ ମହାନ୍ତି, ଶୁଭଶ୍ରୀ ପଟ୍ଟନାୟକ, ମମତା ରାଉତ ପ୍ରମୁଖ ସାମିଲ ଥିଲେ। ସେହିଭଳି ଡେଲାଙ୍ଗର ହରିରାଜପୁର ଠାରେ ବିଜେଡି ମହିଳା ଓ ଛାତ୍ର ସଙ୍ଗଠନ ପକ୍ଷରୁ ଏବଂ ଡେଲାଙ୍ଗ ହାଟ ବଜାରରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ପିପିଲି ହାଟଛକରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା।


ନାଗ ଚତୁର୍ଥୀରେ ପୁରୀ ତାଳବଣିଆ ନିକଟ ଜଙ୍ଗଲରେ ଥିବା ଉଇ ହୁଙ୍କାରେ ମହିଳାମାନେ ନାଗଦେବତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

## ୨୦.୪୫ ଲକ୍ଷ ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୧୮।୧୧:**

ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ତହସିଲ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ପଥର ଖଣି, ପଥର ଖାଦାନ, ମାଙ୍କଡା, କଳାମୁଗୁନି ପଥର ଚାଲାଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ବିଭିନ୍ନ ତହସିଲ ଅଞ୍ଚଳରୁ ନଭେମ୍ବର ୩ରୁ ୧୮ତାରିଖ ମଧ୍ୟରେ ୨୦,୪୫,୨୭୮ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ବୋଲଗଡ଼ ତହସିଲ ଅଞ୍ଚଳରୁ ୫୦,୦୦୦ ଟଙ୍କା, ଚିଲିକା ୧,୬୪,୨୮୫, ବାଣପୁର ୧ଲକ୍ଷ ୭୩ହଜାର, ବେଗୁନିଆ ୨ଲକ୍ଷ ୭୦ହଜାର, ଟାଙ୍ଗୀ ୬ଲକ୍ଷ ୭୦ହଜାର, ଖୋର୍ଦ୍ଧା ୭ଲକ୍ଷ ୧୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ବୁଧବାର ୧୬ନଂ. ଜାତୀୟ ରାଜପଥ ଦେଇ ବାଙ୍କିରୁ ବାଲି ବୋଝେଇ ଟ୍ରକ୍ ଗଞ୍ଜାମ ଆଡକୁ ଯାଉଥିବା ଖବରପାଇ ତହସିଲଦାର ପଦ୍ମଚରଣ ସାହୁ ଚଢ଼ାଉ କରିଥିଲେ। ବାଲିଚାଲାଣ ନେଇ କୌଣସି ଅନୁମତି ନ ଥିବା ଜଣାପଡିବା ପରେ ବାଲି ଟ୍ରକ୍‌କୁ ତହସିଲଦାର ଜବତ କରିଥିଲେ।

## ମଦ ଜବତ, ଜଣେ ଗିରଫ

**ଡେଲାଙ୍ଗ,୧୮।୧୧(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ପୋଲିସ ୧୦ ଲିଟର ମଦ ଜବତ କରିବା ସହ ମଦ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଅରିସଲ ଗ୍ରାମର ଦୀପ୍ତିରଞ୍ଜନ ପ୍ରଧାନ (୨୦) ।

# ୨୭ରେ ପ୍ରତିଜବାବ ଦାଖଲ ନିର୍ଦ୍ଦେଶ

## ଧର୍ମାନୁଷ୍ଠାନ ଖୋଲିବା ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ,୧୮।୧୧**

ରାଜ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲାଯିବାକୁ ଅନୁମତି ଦେବା ନେଇ ହାଇକୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ହୋଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ବି.ଆର୍.ଷଡ଼ଙ୍ଗୀଙ୍କୁ ନେଇ ଗଠିତ ପୀଠ ମାମଲାର ଆବେଦନକାରୀଙ୍କୁ ଆସନ୍ତା ୨୭ତାରିଖରେ ପ୍ରତିଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ପୂର୍ବରୁ ଶ୍ରୀମନ୍ଦିର ସମେତ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ପାଇଁ ଅନୁମତି ଦେବାକୁ ଆବେଦନକାରୀ ଓକିଲ ଜୟନ୍ତ କୁମାର ବଳ ଅଦାଲତରେ କହିବା ପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ରାଜ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦେବା ନେଇ ଗତ ଅଗଷ୍ଟ ମାସରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ନଂ.୨୨୯୮୪/୨୦୨୦) ରୁଜୁ ହୋଇଥିଲା। ଉକ୍ତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେପ୍ଟେମ୍ବର ୨୫ରେ ଜବାବ ଦାଖଲ କରି ମନ୍ଦିର ନ ଖୋଲିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ତେବେ ଚଳିତ କାର୍ତ୍ତିକ ମାସରେ ବିରଳ ନାଗାର୍ଜୁନ ବେଶରେ ମହାପ୍ରଭୁ ଦର୍ଶନ ଦେବାକୁ ଥିବାରୁ ତା' ପୂର୍ବରୁ ମନ୍ଦିର ଖୋଲିବାକୁ ଅନୁମତି ଦେବାକୁ ଆବେଦନକାରୀ ଦର୍ଶାଇଛନ୍ତି। ମନ୍ଦିର ଗର୍ଭଗୃହ ଅଣଓସାରିଆ, ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ଏବଂ କରୋନା ସଂକ୍ରମଣ ବୃଦ୍ଧି ହେବା ଆଶଙ୍କା ଆଦିକୁ ଢାଲ କରି ରାଜ୍ୟ ସରକାର ମନ୍ଦିର ଖୋଲିବାକୁ ଅନୁମତି ଦେଉ ନାହାନ୍ତି। ଏହା ଲୋକଙ୍କ ଧାର୍ମିକ ଭାବନକୁ ମଧ୍ୟ କୁଠାରାଘାତ କରିଛି। ତେଣୁ ମଠ, ମନ୍ଦିର ଖୋଲିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି ବୋଲି ଆଇନଜୀବୀ ବିଭୂତି ଭୁଷଣ ଚୌଧୁରୀ କହିଛନ୍ତି।

# ଫନୀ ସହାୟତା ଦାବିରେ ବିକ୍ଷୋଭ

**ଡେଲାଙ୍ଗ,୧୮।୧୧(ଡି.ଏନ୍.ଏ.)**

ଫନୀ ହିତାଧିକାରୀଙ୍କୁ ସହାୟତା ଦାବିରେ କଂଗ୍ରେସ ପକ୍ଷରୁ ବୁଧବାର ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି । ତୁରନ୍ତ ଅଚଳ ବ୍ୟାଙ୍କ ଖାତାକୁ ସଚଳ କରିବା, ହିତାଧିକାରିଙ୍କୁ ସହାୟତା ଯୋଗାଇ ଦେବା ,ଅନେକ ହିତାଧିକାରୀ ଘରଭଙ୍ଗା ତାଲିକାରେ ସାମିଲ କରିବା ଆଦି ଦାବି ନେଇ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ମହିଳା କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ର, ବିଶ୍ୱରଞ୍ଜନ ବଳବନ୍ତରାୟ, ମାନସ ସ୍ୱାଇଁ, ପ୍ରମୋଦ ପରିଡା, ସରୋଜ ସ୍ୱାଇଁ , ଅଜିତ ମହାପାତ୍ର, ଯଜମନ୍ୟୁ ସାମନ୍ତରାୟ ଓ ପ୍ରମୋଦ ପାତ୍ରଙ୍କ ସମେତ ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ ।

# ଓଟିଭିର ଏତଲାକୁ ଗ୍ରହଣ କର: କୋର୍ଟ

## ସାରୁଆ ଜମି ବିବାଦ ପ୍ରସଙ୍ଗ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ଜିଲା ସାରୁଆ ଜମି ଘଟଣାରେ ଓଟିଭି ପକ୍ଷରୁ ଦାଏର ହୋଇଥିବା ୩ଟି ଏତଲାକୁ ଗ୍ରହଣ କରିବାକୁ ବୁଧବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ ବାଘମାରୀ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଡିସେମ୍ବର ୧୫ ସୁଦ୍ଧା ଘଟଣାର ତଦନ୍ତ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟୁଡିଓ ପାଚେରି ଭଙ୍ଗା ଓ ଜବରଦସ୍ତ ଭିତରେ ପଶିବା, ସାଇଟ୍ ଇଞ୍ଜିନିୟର ଓ ସୁପରଭାଇଜରଙ୍କୁ ମାଡ଼ ମରାଯିବା ଘଟଣା, ବେଆଇନ ଭାବେ ୧୮ଦିନ ହେବ ଷ୍ଟୁଡିଓକୁ ଘେରାଉ କରାଯିବା ନେଇ ଓଟିଭି ପକ୍ଷରୁ ଏତଲା ଦିଆଯାଇଥିଲେ ବି ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା। ଅନ୍ୟପଟେ ପ୍ରତିପକ୍ଷଙ୍କ ଏତଲାକୁ ଗ୍ରହଣ କରି ପ୍ରଥମେ ଷ୍ଟୁଡିଓର ୨ଜଣ କର୍ମଚାରୀ ଓ ପରେ ସାଇଟ ଇନଚାର୍ଜ ଅନିରୁଦ୍ଧ ପଣ୍ଡାଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଅନିରୁଦ୍ଧ ଏସଡିଜେଏମ୍‌ଙ୍କ କୋର୍ଟରେ ସୋମବାର ଓକିଲଙ୍କ ଜରିଆରେ ୱାନ ସିସି ମାମଲା ଦାଏର କରିଥିଲେ। ବୁଧବାର କୋର୍ଟ ମାମଲାର ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଥାଉ କି, ପୂର୍ବରୁ ଓଟିଭି ଏମ୍‌ଡି, ତାଙ୍କ ବାପା, ଭାଇ ଓ ଅନିରୁଦ୍ଧଙ୍କ ବିରୋଧରେ ବାଘମାରୀ ଥାନାରେ ପୃଥକ୍ ଦୁଇଟି ମାମଲା (ନଂ. ୮୧, ୮୨/୨୦)ରୁଜୁ ହୋଇଛି। ଗତ ୧୦ତାରିଖରେ ହୋଇଥିବା (ନଂ.୮୨/୨୦)ରେ ପୋଲିସ ଅନିରୁଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଦିନ ଅନିରୁଦ୍ଧଙ୍କୁ ଏଡିଜେ(୧) କୋର୍ଟଙ୍କ ପକ୍ଷରୁ ସପ୍ତାହ ପାଇଁ ମଧ୍ୟବର୍ତ୍ତିକାଳୀନ ଜାମିନ ମିଳିଥିଲା। ମଙ୍ଗଳବାର ଜାମିନ ଅବଧି ସରିବା ପରେ ସେ ପୁଣି ଥରେ କୋର୍ଟରେ ହାଜର ହୋଇଥିଲେ । କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

# ୯.୫୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**ଖୋର୍ଦ୍ଧା ଅଫିସ,୧୮।୧୧**

## ଖରିଫ ଧାନ ସଂଗ୍ରହ କମିଟି ବୈଠକ

- ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଧାନ ସଂଗ୍ରହ
- ପଞ୍ଜୀକରଣ କରିଛନ୍ତି ୪୪,୬୪୯ ଚାଷୀ

ଖୋର୍ଦ୍ଧା ଜିଲାରେ ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଧାନ ସଂଗ୍ରହ କରାଯିବ। ଏହା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାରେ ୪୪,୬୪୯ଜଣ ଚାଷୀ ଚଳିତବର୍ଷ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି। ଜିଲାରେ ୧୩୯ ପାକ୍ସ ଜରିଆରେ ଧାନ ସଂଗ୍ରହ କରାଯିବ। ଏହା ସହିତ ୧୪ଟି ଅତିରିକ୍ତ କେନ୍ଦ୍ର ଖୋଲାଯିବ। ୨୦୧୯-୨୦ ବର୍ଷରେ ଚାଷୀଙ୍କଠାରୁ ୧୪ଲକ୍ଷ ୮୩ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ଖରିଫ ଋତୁରେ ୯,୫୮,୯୧୩ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ସରକାର ସାଧାରଣ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ସ୍ଥିର କରିଛନ୍ତି। ଗ୍ରେଡ ଏ ମାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୮୮ଟଙ୍କା ରହିଛି। ଚାଷୀମାନେ ଯେପରି ସୁବିଧାରେ ଧାନ



ବିକ୍ରି କରିପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବୁଧବାର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସ୍ଥିର ହୋଇଛି। ଜିଲାପାଳ ସନତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ ଅନାମ ଚରଣ ସ୍ୱାଇଁ ଧାନ ସଂଗ୍ରହର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ଚଳିତବର୍ଷ ବିଭିନ୍ନ ଅଞ୍ଚଳରେ ଧାନ ଫସଲ ଭଲ ହୋଇଛି। ମଣ୍ଡିରେ ଧାନ ବିକ୍ରି ସମୟରେ ଚାଷୀଙ୍କ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଧାନ ବିକ୍ରି ଅର୍ଥ ତୁରନ୍ତ ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ, ମିଲରମାନେ ସୁବିଧାରେ ଧାନ ଉଠାଣ କରିବେ, ଟୋକନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯିବା ଉପରେ ଆଲୋଚନା ହୋଇଥିଲା। ଜଟଣୀଠାରେ ଉନ୍ନତଧରଣ ମାର୍କେଟ କମ୍ପ୍ଲେକ୍ସ, ଧାନ ବିକ୍ରି ସୁଲଭ ବ୍ୟବସ୍ଥା, ପ୍ରତି ବ୍ଲକରେ ଗୋଦାମ ବ୍ୟବସ୍ଥା ଏବଂ ସୋସାଇଟି ମାଧ୍ୟମରେ ଚାଷୀଙ୍କୁ ସଚେତନ କରିବା ସହ ମଣ୍ଡିରେ ଚାଷୀଙ୍କ ସୁବ୍ୟବସ୍ଥା ଲାଗି ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ ରାଉତରାୟ, ବିଧାୟକ ଅରବିନ୍ଦ ଢାଲି, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଏଡିଏମ୍ ମନୋଜ ପାଢ଼ୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

